# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**3 May - 2026**

**********************************

## ମୁଖ୍ୟ ସମ୍ବାଦ

- ଜାତୀୟ ଶିକ୍ଷାନୀତି ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି; କହିଲେ ରାଜ୍ୟପାଳ
- ସୁଭଦ୍ରା ଯୋଜନାର କିସ୍ତି ପାଇବାରୁ ବଂଚିତ ହିତାଧିକାରୀମାନଙ୍କୁ ଆସନ୍ତାକାଲି ପ୍ରଦାନ କରାଯିବ ସହାୟତାରାଶି
- ପଶ୍ଚିମବଙ୍ଗ ସମେତ ଚାରୋଟି ରାଜ୍ୟ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ଭୋଟ ଗଣତି ହୋଇ ପ୍ରକାଶ ପାଇବ ଫଳାଫଳ

ଏବଂ

- ରାଜ୍ୟରେ କାଳବୈଶାଖୀଜନିତ ବର୍ଷା ହେବା ନେଇ ୨୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

## କର୍ମଶାଳା-ପ୍ରଜ୍ଞା ପ୍ରେରଣା

ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ସହ ସମୃଦ୍ଧ ଓଡ଼ିଶାର ମୂଳଦୁଆ ସାଜିଛି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ଲୋକସେବା ଭବନରେ ନୂତନ ଜାତୀୟ ଶିକ୍ଷାନୀତିର କାର୍ଯ୍ୟକାରିତାକୁ ନେଇ ଆୟୋଜିତ 'ପ୍ରଜ୍ଞା ପ୍ରେରଣା' କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ଜାତୀୟ ଶିକ୍ଷାନୀତିରେ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ପାଇଁ ବ୍ୟବସ୍ଥା କରାଯାଇଛି। ମୌଳିକ ଶିକ୍ଷାଠାରୁ ଆରମ୍ଭ କରି ଗୁଣାତ୍ମକ ଏବଂ ବୃତ୍ତିଗତ ଶିକ୍ଷାକୁ ଏଥିରେ ସାମିଲ କରାଯାଇଛି। ଶିକ୍ଷାର ଲକ୍ଷ୍ୟ କେବଳ ଜ୍ଞାନ ଆହରଣ କରିବା ନୁହେଁ; ବରଂ ସମାଜର ପଥ ପ୍ରଦର୍ଶିତ କରିବା ବୋଲି ଶ୍ରୀ କମ୍ଭମପାଟି କହିଛନ୍ତି।

ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଚାରୋଟି ସ୍ତମ୍ଭ ପାଠ୍ୟକ୍ରମ, ଶିକ୍ଷକମାନଙ୍କ ପ୍ରଶିକ୍ଷଣ, ଭିତ୍ତିଭୂମିର ବିକାଶ ଏବଂ ଲର୍ଣ୍ଣିଂ ଆଉଟ୍‌କମ୍ ଉପରେ ଗୁରୁତ୍ୱ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଶିକ୍ଷାକୁ ଲକ୍ଷ୍ୟ ଭାବେ ଗ୍ରହଣ କରି ଶିକ୍ଷାର ବିକାଶ ପାଇଁ ସମସ୍ତଙ୍କୁ ନେତୃତ୍ୱ ନେବାକୁ ହେବ। ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ହେଲେ ଶିକ୍ଷା କ୍ଷେତ୍ରକୁ ଆଗେଇ ନେବା ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହେବା ଆବଶ୍ୟକ ବୋଲି ଶ୍ରୀ ସୂରଜ କହିଛନ୍ତି।

**- V/O –**

## ସୁଭଦ୍ରା ଯୋଜନା

ରାଜ୍ୟରେ ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ଆସନ୍ତାକାଲି ସହାୟତା ରାଶି ପ୍ରଦାନ କରାଯିବ। ଭୁବନେଶ୍ୱର ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୁଭଦ୍ରା ଅଧୀନରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ କିସ୍ତି ପାଇବାରୁ ବଂଚିତ ହିତାଧିକାରୀମାନଙ୍କୁ ସହାୟତାରାଶି ପ୍ରଦାନ କରିବେ। ଏହି ପର୍ଯ୍ୟାୟରେ ୧ଲକ୍ଷ ୨୩ ହଜାର ୮୪୯ଜଣ ହିତାଧିକାରୀଙ୍କୁ ସହାୟତା ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ପାନୀୟ ଜଳ- ସୁଜଳ

ରାଜ୍ୟର ସମସ୍ତ ସହରାଞ୍ଚଳରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ସରକାର **ସୁଜଳ** କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଭୁବନେଶ୍ୱର ଖାରବେଳ ଭବନଠାରେ ଏ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

**ସୁଜଳ** କାର୍ଯ୍ୟକ୍ରମ ଅଧୀନରେ ମୋଟ୍ ୫୪୪ଟି ପାନୀୟ ଜଳ ପ୍ରକଳ୍ପକୁ ଅନୁମୋଦନ ମିଳିଥିବାବେଳେ ସେଥିରୁ ୨୮୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏ ସମ୍ପର୍କରେ ଶ୍ରୀମତୀ ପାଢୀ କହିଛନ୍ତି, ୨୦୨୬-୨୭ ଆର୍ଥିକବର୍ଷରେ ୧୦୨ଟି

ନୂତନ ପ୍ରକଳ୍ପ ସମେତ ମୋଟ ୩୯୧ଟି ପ୍ରକଳ୍ପ ପାଇଁ ସରକାର ୧୫ ଶହ କୋଟି ଟଙ୍କା ବ୍ୟୟ କରିବେ। ୨୦୨୭-୨୮ ଆର୍ଥିକବର୍ଷରେ ୯୨ଟି ନୂତନ ପ୍ରକଳ୍ପ ପାଇଁ ୯୭୮ କୋଟି ଟଙ୍କା ବିନିଯୋଗ କରାଯିବାର ଲକ୍ଷ୍ୟ ରହିଛି। ସୁଜଳ କାର୍ଯ୍ୟକ୍ରମରେ ପୂର୍ବରୁ ଅନୁମୋଦନ ମିଳିଥିବା ୫୪୪ଟି ପ୍ରକଳ୍ପ ମଧ୍ୟରୁ ୨୮୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବୈଠକରୁ ଜଣାପଡିଛି।

## ଓମ୍‌ଫେଡ୍ ଦର ବୃଦ୍ଧି

ରାଜ୍ୟରେ ଆଜିଠାରୁ ଓମ୍‌ଫେଡ୍ କ୍ଷୀର ଦର ବୃଦ୍ଧି ପାଇଛି। ନିର୍ଦ୍ଧାରିତ ମୂଲ୍ୟଠାରୁ ପ୍ରତି ଲିଟର ପିଛା କ୍ଷୀର ଦର ୪ ଟଙ୍କା ବୃଦ୍ଧି ପାଇଛି।  ଓମ୍‌ଫେଡ୍ ପକ୍ଷରୁ ଜାରି ହୋଇଥିବା ନୂତନ ବର୍ଦ୍ଧିତ ଦର ସୂଚୀ ଅନୁସାରେ, ଟୋନ୍‌ଡ୍ ଦୁଗ୍ଧ ପ୍ରତି ଲିଟର ୫୦ ରୁ ୫୪ ଟଙ୍କାକୁ ବୃଦ୍ଧି ହୋଇଥିବାବେଳେ ପ୍ରିମିୟମ୍ କ୍ଷୀର ୫୪ ରୁ ୫୮ ଟଙ୍କାକୁ ବୃଦ୍ଧି ପାଇଛି। ସେହିଭଳି ଗୋଲ୍ଡ ପ୍ରିମିୟମ୍ କ୍ଷୀର ୫୬ ରୁ ୬୦ ଟଙ୍କା ଏବଂ ପ୍ରିମିୟମ୍ ପ୍ଲସ୍ କ୍ଷୀର ୬୦ ରୁ ୬୪ ଟଙ୍କାକୁ ବୃଦ୍ଧି ପାଇଛି। ପୂର୍ବରୁ ଏ ନେଇ ଓମ୍‌ଫେଡ୍ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

କ୍ଷୀର ଦର ବୃଦ୍ଧି ପାଇବା ଦ୍ୱାରା ଦୁଗ୍ଧ ଚାଷୀମାନେ ଉପକୃତ ହେବେ ବୋଲି ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ସେ କହିଛନ୍ତି, ଅନେକ ଦିନ ହେବ ଓମ୍‌ଫେଡ୍ କ୍ଷୀର ଦର ବୃଦ୍ଧି ପାଇ ନଥିଲା। ଚାଷୀଙ୍କ ହିତ ପାଇଁ ଅଧିକ ଦାମ୍‌ରେ ସରକାର କ୍ଷୀର କ୍ରୟ କରିବେ। ପ୍ରକ୍ରିୟାକରଣ ଓ

ପରିବହନ ଖର୍ଚ୍ଚ ବୃଦ୍ଧି ପାଉଥିବାରୁ କ୍ଷୀର ଦରବୃଦ୍ଧି ଆବଶ୍ୟକ ହୋଇପଡିଥିଲା ବୋଲି ଶ୍ରୀ ମଲ୍ଲିକ୍ କହିଛନ୍ତି ।

## ଭୋଟ୍ କାଉଣ୍ଟିଂ

ପଶ୍ଚିମବଙ୍ଗ, କେରଳମ୍, ତାମିଲନାଡୁ, ଆସାମ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ଅନୁଷ୍ଠିତ ବିଧାନସଭା ନିର୍ବାଚନର ଆସନ୍ତାକାଲି ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ।

ପଶ୍ଚିମବଙ୍ଗରେ ଭୋଟ ଗଣତି ସମୟରେ ପାରଦର୍ଶିତା ସୁନିଶ୍ଚିତ କରିବା ପାଇଁ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହିତ ରାଜ୍ୟବ୍ୟାପୀ ୭୭ଟି ଗଣନା କେନ୍ଦ୍ରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପଶ୍ଚିମବଙ୍ଗର ୨୯୪ଟି ବିଧାନସଭା ଆସନ ପାଇଁ ଦୁଇଟି ପର୍ଯ୍ୟାୟରେ ୨୩ ଓ ୨୯ ତାରିଖରେ ମତଗ୍ରହଣ କରାଯାଇଥିଲା । ତେବେ ଚବିଶ ପ୍ରଗଣା ଜିଲ୍ଲାର ଫାଲ୍ଟା ବିଧାନସଭା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ହୋଇଥିବା ମତଦାନ ପ୍ରକ୍ରିୟାକୁ ନିର୍ବାଚନ ଆୟୋଗ ଅସିଦ୍ଧ ଘୋଷଣା କରିବା ପରେ ଆସନ୍ତାକାଲି ୨୯୩ଟି ଆସନର ଭୋଟଗଣତି ହେବ ।

ଆସାମର ସମସ୍ତ ୧୨୬ଟି ଆସନ ପାଇଁ ଭୋଟ ଗଣତି ୩୫ଟି ଜିଲ୍ଲାର ୪୦ଟି ଗଣନା କେନ୍ଦ୍ରରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ କରାଯିବ । ତାମିଲନାଡୁରେ ମଧ୍ୟ ଭୋଟ ଗଣନା ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

କରାଯାଇଛି। ୨୩୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମୋଟ ୧୦ ହଜାର ୫୪୫ ଗଣନା କର୍ମଚାରୀଙ୍କୁ ଭୋଟଗଣତି କାର୍ଯ୍ୟରେ ନିୟୋଜିତ କରାଯିବ।

## ବାଚସ୍ପତି

ଶିକ୍ଷା ବିନା ରାଜ୍ୟ ତଥା ଦେଶର ପ୍ରଗତି ଅସମ୍ଭବ ବୋଲି ବିଧାନସଭା ବାଚସ୍ପତି ସୁରମା ପାଢୀ କହିଛନ୍ତି। **ନୟାଗଡ଼** ଜିଲ୍ଲା ସରଣକୁଳଠାରେ ଏକ ବିଦ୍ୟାଳୟର ବାର୍ଷିକୋତ୍ସବରେ ଯୋଗଦେଇ ଶ୍ରୀମତୀ ପାଢ଼ୀ କହିଛନ୍ତି, ଶିଶୁର ଚାରିତ୍ରିକ ଶୃଙ୍ଖଳା, ଶୈକ୍ଷିକ ବିକାଶର ଚାବିକାଠି ହେଉଛି ଶିକ୍ଷା। ଉତ୍କଳୀୟ ସଂସ୍କୃତି ଓ ପରାମ୍ପରାକୁ ଉଜ୍ଜୀବିତ ରଖିବାକୁ ହେଲେ ଶିଶୁର ସାମଗ୍ରିକ ବିକାଶର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନିଟ୍ ପରୀକ୍ଷା

ଡାକ୍ତରୀ ସ୍ନାତକ ଶିକ୍ଷାରେ ପ୍ରବେଶ ପାଇଁ ଆଜି ନିଟ୍ ୟୁଜି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଦେଶ ତଥା ଦେଶ ବାହାରେ ୫ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷା କେନ୍ଦ୍ରରେ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ରାଜ୍ୟରୁ ୨୭ଟି ପରୀକ୍ଷା କେନ୍ଦ୍ରରେ ୫୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଜାତୀୟ

ପରୀକ୍ଷଣ ସଂସ୍ଥା ଦ୍ୱାରା କରାଯାଇଥିବା ଏହି ପରୀକ୍ଷା ଅପରାହ୍ନ ୨ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିଥିଲା।

## ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତାକାଲି ବନ୍ଦ ରହିବ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

## ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ

ଗଣତାନ୍ତ୍ରିକ ମୂଲ୍ୟବୋଧର ରକ୍ଷା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ଆଜି ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ କରାଯାଉଛି। ଚଳିତ ବର୍ଷର ବାର୍ତ୍ତା ରହିଛି "ଶାନ୍ତିରେ ଭବିଷ୍ୟତ ଗଠନ: ମାନବାଧିକାର, ବିକାଶ ଏବଂ ସୁରକ୍ଷା ପାଇଁ ପ୍ରେସ ସ୍ୱାଧୀନତାକୁ ପ୍ରୋତ୍ସାହିତ କରିବା" । ଜାତିସଂଘ ସାଧାରଣ ପରିଷଦ ୧୯୯୩ ମସିହାରେ ଆଜିର ଦିନକୁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଭାବେ ପାଳନ ନିମନ୍ତେ ଘୋଷଣା କରିଥିଲା ।

ବିଶ୍ୱରେ ଶାନ୍ତି ଓ ପ୍ରଗତି ପାଇଁ ସ୍ୱାଧୀନ, ସଶକ୍ତ ଏବଂ ଉତ୍ତରଦାୟୀ ଗଣତନ୍ତ୍ର ଅପରିହାର୍ଯ୍ୟ। ବର୍ତ୍ତମାନ ପରିସ୍ଥିତିରେ ସାମାଜିକ ଗଣମାଧ୍ୟମ

ସୂଚନା ପ୍ରସାରଣ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଗଣମାଧ୍ୟମର ସ୍ୱାଧୀନତା ପାଇଁ ସାମୂହିକ ପ୍ରୟାସ ଆବଶ୍ୟକତା ରହିଛି । ଏ ନେଇ ଆଜି ବିଭିନ୍ନ ଅନୁଷ୍ଠାନ ଓ ସଙ୍ଗଠନ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

## ପ୍ରେସ୍ ଦିବସ

**କଳାହାଣ୍ଡି** ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘ ପକ୍ଷରୁ ଭବାନୀପାଟଣାଠାରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ପଦ୍ମଶ୍ରୀ ପଟାୟତ ସାହୁଙ୍କ ସମେତ ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର କାର୍ଯ୍ୟକ୍ରମରେ ଯୋଗଦେଇ  ଦେଶ ନିର୍ମାଣରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଉଲ୍ଲେଖନୀୟ ସମ୍ବାଦ ପରିବେଷଣ ପାଇଁ ଯୁବ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଡଙ୍ଗାବୁଡି

**ନୟାଗଡ଼** ଜିଲ୍ଲା କୁଆଁରିଆ ଜଳଭଣ୍ଡାରରେ ଡଙ୍ଗାବୁଡି ଦୁଇଜଣଙ୍କର ମୃତ୍ୟୁ ହୋଇଛି । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ ।

## କ୍ରିକେଟ୍

ଓଡ଼ିଶା କ୍ରିକେଟ୍ ଆସୋସିଏସନ ପକ୍ଷରୁ ୧୬ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧାକୁ ପରାସ୍ତ କରି ଭୁବନେଶ୍ୱର-ଏ ବିଜୟୀ ହୋଇଛି। କଟକ ଓ ଭୁବନେଶ୍ୱରର ବିଭିନ୍ନ ପଡିଆରେ ଖେଳାଯାଇଥିବା ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଂଚଳରେ ୩୭ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ମୋଟ୍ ୧୦୩ଟି ମ୍ୟାଚ୍ ଖେଳାଯାଇଥିଲା।

## ପାଣିପାଗ

ଚଳିତ ସପ୍ତାହ ଶେଷ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ଜାରି ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡଘଡି ସହ ବର୍ଷା ହେବା ନେଇ ୨୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । କାଳବୈଶାଖୀଜନିକ ବର୍ଷା ଏବଂ କାନ୍ଥ ଭୁଷୁଡିବା ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ଛଅ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।